ଫଳ କହିଥାଏ ସ୍ୱଭାବ

ଫଳ ଆମକୁ କେବଳ ସୁସ୍ଥ ସବଳ ଓ ଶକ୍ତିଶାଳୀ କରିଥାଏ ତା ନୁହେଁ ଆମ ସ୍ୱଭାବକୁ ମଧ୍ୟ ପ୍ରଭାବିତ କରିଥାଏ । ଅଧିକାଂଶ ବ୍ୟକ୍ତିଙ୍କ ପ୍ରଥମ ପସନ୍ଦ ଫଳ ସେଓ, କଦଳୀ, କମଳା, ଅଙ୍ଗୁର । ଫଳ ପ୍ରତି ରୁଚିରୁ ବ୍ୟକ୍ତିର ବ୍ୟକ୍ତିତ୍ୱ, ବିଚାର, ସ୍ୱଭାବ ଜଣାପଡେ । ଯେଉଁ ବ୍ୟକ୍ତିର ପ୍ରଥମ ପସନ୍ଦ ଫଳ କମଳା ସେହି ବ୍ୟକତ୍ିର ସ୍ୱଭାବ କିଛି ଖଟା ମିଠା ହୋଇଥାଏ । କମଳା ପସନ୍ଦ କରୁଥିବା ବ୍ୟକ୍ତି ସର୍ବଦା ହର୍ଷୋଲ୍ଲାସରେ ରହିବା ସହ ବିଶ୍ୱାସର ପାତ୍ର ହୋଇଥାନ୍ତି । ଅତିଶୀଘ୍ର ମିତ୍ରତା ସ୍ଥାପନ କରିବା, ଅନ୍ୟର ବିଚାରରେ ପ୍ରଭାବିତ ହେବା ସହ କେବେ କେବେ ସେ ଧୋକ୍କା ମଧ୍ୟ ଖାଇଥାଏ । ସେମାନେ ଉଦାରବାଦୀ ଓ କର୍ମଠ ହୋଇଥାନ୍ତି । ସେହିପରି କଦଳୀ ପସନ୍ଦ କରୁଥିବା ବ୍ୟକ୍ତି ସର୍ବଦା ନରମ ଏବଂ କୋମଳ ସ୍ୱଭାବର । ସେମାନେ ଉପରେ ଅଧିକ ଶକ୍ତି ହୋଇଥିଲେ ମଧ୍ୟ ଅନ୍ତରରେ କୋମଳ ହୋଇଥାନ୍ତି । ଶାନ୍ତିପୂର୍ବକ ଭାବେ କାର୍ଯ୍ୟ କରିବା, ଭାବଭଙ୍ଗୀରେ ଗାମ୍ଭୀର୍ଯ୍ୟ ପ୍ରକାଶ କରିବା, ଧୈର୍ଯ୍ୟର ସହ କାର୍ଯ୍ୟ ପୂରଣ କରିବାରେ ବିଶ୍ୱାସୀ । ସେମାନେ ଅନ୍ୟମାନଙ୍କୁ ଖୁସିରେ ରଖିଥାନ୍ତି । ଯେଉଁ ଲୋକଙ୍କ ପସନ୍ଦ ସେଓ ସେମାନେ ଅତି ଚଞ୍ଚଳ ସ୍ୱଭାବର । ଏମାନଙ୍କ ପ୍ରଭାବ ସମାଜରେ ଖୁବ୍ ରହିଥାଏ। ଏମାନେ ସୁସ୍ଥ ରହିବାକୁ ପସନ୍ଦ କରିଥାନ୍ତି । ଏହି ବ୍ୟକ୍ତି ନିର୍ଣ୍ଣୟ ନେବାରେ କ୍ଷିପ୍ର । ଏମାନଙ୍କ ଦୃଷ୍ଟିଶକ୍ତି ଅତି ପ୍ରଖର । ଏମାନଙ୍କ କାର୍ଯ୍ୟ କରିବାର ଦକ୍ଷତା ଅଧିକ । ଏମାନେ ବନ୍ଧୁପ୍ରେମୀ । ଅଙ୍ଗୁର ପସନ୍ଦ କରୁଥିବା ବ୍ୟକ୍ତି ଆଳସ୍ୟପରାୟଣ । କାର୍ଯ୍ୟଭାର ଏହି ବ୍ୟକ୍ତିଙ୍କ ଉପରେ ପଡିଲେ ଏମାନଙ୍କ ଠାରେ କ୍ରୋଧ ଦେଖାଦେଇଥାଏ । ଏମାନେ ସୌନ୍ଦର୍ଯ୍ୟ ପ୍ରତି ଆକର୍ଷିତ ହେବା ସହ ଅନ୍ୟକୁ ନିଜ ପ୍ରତି ଆକର୍ଷଣ କରିବାରେ ମାହିର । ଯେଉଁ ଲୋକଙ୍କ ପସନ୍ଦ ନଡିଆ ସେମାନେ କଳ୍ପନାଶୀଳ, ସତର୍କ, ଚତୁର ହୋଇଥାନ୍ତି । ଏମାନେ ଜିଦ୍‌ଖୋର । ନଡିଆ ପସନ୍ଦ କରୁଥିବା ବ୍ୟକ୍ତି ପ୍ରେମୀ ସ୍ୱଭାବର । ନିଜର ବୃଦ୍ଧି ଓ ପରିଶ୍ରମ ବଳରେ ସଫଳତା ପାଇଥାନ୍ତି ।

ନ୍ୟାଶନାଲ ଲାଇବ୍ରେରି

ବେଲାରୁସ୍‌ର ମିନ୍‌ସ୍କଠାରେ ରହିଛି ଏହି ନ୍ୟାଶନାଲ ଲାଇବ୍ରେରି । ଏଠାରେ ଦେଶର ସବୁଠାରୁ ଅଧିକ ଛାପା ପୁସ୍ତକ ଓ ପତ୍ରପତ୍ରିକା ରହିଛି । ମସ୍କୋସ୍ଥିତ ଷ୍ଟେଟ ଲାଇବ୍ରେରି ଓ ସେଣ୍ଟ ପିଟର୍ସବର୍ଗର ରିଷିଆର ନ୍ୟାଶନାଲ ଲାଇବ୍ରେରି ପରେ ଏହା ତୃତୀୟ ସର୍ବବୃହତ୍ ଲାଇବ୍ରେରିର ମାନ୍ୟତା ପାଇଛି । ଏହି ଲାଇବ୍ରେରି ୨୨ ମହଲା ବିଶିଷଟ ହୋଇଥିବା ବେଳେ ଉଚ୍ଚତା ୭୨ ମିଟର । ଏହାର ନିର୍ମାଣ ୨୦୦୬ରେ ଶେଷ ହୋଇଥିଲା । ଏକାଥରରେ ଏଠାରେ ୨ ହଜାର ଲୋକ ବସି ପଢ଼ିପାରିବେ । ତା ଛଡା ୫୦୦ ଆସନ ବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ମଧ୍ୟ ରହିଛି । ବିଶିଷ୍ଟ ସ୍ଥପତି ମିଖାଇଲ ଭିନୋଗ୍ରାଡୋଭ୍ ଏବଂ ଭିକ୍ଟର କ୍ରାମାରୋଙ୍କୋ ଏହାର ଡିଜାଇନ ପ୍ରସ୍ତୁତ କରିଥିଲେ । ୨୦୦୬ ଜୁନ୍ ୧୬ରେ ଏହା ସାଧାରଣ ଲୋକଙ୍କ ପାଇଁ ଖୋଲା ଯାଇଥିଲା । ଏହା ମଧ୍ୟ ଦେଶର ପ୍ରମୁଖ ସାଂସ୍କୃତିକ ତଥା ସୂଚନା କେନ୍ଦ୍ର ଭାବେ ପରିଚିତ । ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ପ୍ରକାଶିତ ପ୍ରାୟ ୮ ନିୟୁତ ସାମଗ୍ରୀ ଏଠାରେ ରହିଛି । ଦୈନିକ ପ୍ରାୟ ୨୨୦ ଲୋକ ଏହି ଲାଇବ୍ରେରି ପରିଦର୍ଶନରେ ଆସିଥାନ୍ତି ।

ରୁଷିଆ ଲୋକେ ଏଲିଏନଙ୍କୁ ଦେଖା କରିବାକୁ ଚାହାନ୍ତି

ରୁଷିଆର ପାଖାପାଖି ୨୩% ଲୋକ ଆସନ୍ତା ୬୦ ବର୍ଷ ମଧ୍ୟରେ ଏହିପରି ସମାଜର ପ୍ରତିନିଧିମାନଙ୍କୁ ଭେଟିବାକୁ ଚାହୁଁଛନ୍ତି ବୋଲି ନିକଟରେ ଏକ ସର୍ଭେରୁ ପ୍ରକାଶ ପାଇଛି । ୫୩% ରୁଷୀୟ ଏଲିଏନ ଉପରେ ବିଶ୍ୱାସ କରୁନଥିବା କଥା କହିଥିଲେ । ନିକଟରେ ରୁଷିଆରେ କରାଯାଇଥିବା ଏକ ସର୍ଭେରୁ ଏହି କଥା ପ୍ରକାଶ ପାଇଛି । ଏହି ସର୍ଭେରେ ପାଖାପାଖି ୧୫୦୦ ଲୋକ ଭାଗ ନେଇଥିଲେ। ପବ୍ଲିକ୍ ଓପିନିଅନ୍ ଫାଉଣ୍ଡେସନ୍ ପକ୍ଷରୁ ଏହି ସର୍ଭେ କରାଯାଇଥିଲା । ରୁଷିଆରେ ଏଲିଏନ୍ ଉପରେ ବିଶ୍ୱାସ କରୁଥିବା ଲୋକଙ୍କ ସଂଖ୍ୟା ଏଲିଏନ ଉପରେ ବିଶ୍ୱାସ କରୁନଥିବା ଲୋକଙ୍କ ଅପେକ୍ଷା ଦୁଇଗୁଣ କମ୍ । କସ୍ମୋନଟ ଡେ ଅବିସରେ ଏହି ସର୍ଭେ କରାଯାଇଥିଲା । କସ୍ମୋନେଟ୍ ଡେରେ ୟୁରି ଗ୍ରାବିରିନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଏ ।

ସ୍ୱାସ୍ଥ୍ୟସେବା ପାଇଁ ବିମାନ ଆମ୍ବୁଲାନ୍ସ ଉପଯୋଗ କରିବ ଜିଏନଆରସି

ଗୌହାଟୀ: ଗୌହାଟୀ ନିୟୁରୋଲୋଜିକାଲ ରିସର୍ଚ୍ଚ ସେର (ଜିଏନଆରସି) ଉର-ପୂର୍ବାଞ୍ଚଳର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବିମାନ ଆମ୍ବୁଲାନ୍ସ ଓ ହେଲିକପଟର ଉପଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛି । ଏହି ସେବା ମାଧ୍ୟମରେ ଜିଏନଆରସି ଉତ୍ତର-ପୂର୍ବାଞ୍ଚଳର ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ସିକିମର ଦୁର୍ଗମ ଅଞ୍ଚଳକୁ ଡାକ୍ତର ନେଇ ଜନସାଧାରଣଙ୍କ ଦ୍ୱାର ଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବ ।ଜିଏନଆରସିର ଉର ଗୌହାଟୀ କ୍ୟାମ୍ପସର ୬ମାସ ପୂର୍ତ୍ତି ଅବସରରେ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥା ପକ୍ଷରୁ ଉପରୋକ୍ତ ଘୋଷଣା କରାଯାଇଛି । ଉତ୍ତର-ପୂର୍ବାଞ୍ଚଳରେ ପ୍ରଥମ ଥର ପାଇଁ ଏପ୍ରକାର ବିଶେଷ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏଠାରେ ସମସ୍ତ ରୋଗ ନିରୂପଣ ଓ ଚିକିତ୍ସା ସୁବିଧା ଥାଇ ୩୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି । ଜିଏନଆରସି ସ୍ୱଳ୍ପ ଦେୟରେ ଡାକ୍ତରୀ ପରାମର୍ଶ ଯୋଗାଇ ଦେଇଥାଏ । ଏହା ଡାକ୍ତରୀ ପରାମର୍ଶ ପାଇଁ ୧ରୁ ୨ଡ଼ଲାର, ରକ୍ତ ଶର୍କରା ପରୀକ୍ଷା ପାଇଁ ୩୫ ସେ, ଥାଇରଏଡ଼ ପାଇଁ ୩ ଡଲାର, ସିଟି ସ୍କାନ ପାଇଁ ୧୫ ଡ଼ଲାର ଓ ଏମଆରଆଇ ପାଇଁ ୪୨ ଡଲାର ମୂଲ୍ୟ ନେଇଥାଏ । ପ୍ରତିଷ୍ଠା ହେବାର ପ୍ରଥମ ୬ ମାସ ମଧ୍ୟରେ ଏହି ଡାକ୍ତରଖାନା ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇଛି । ଏଠାରେ ପ୍ରତିଦିନ ୨୦୦ ରୋଗୀଙ୍କ ବହିର୍ବିଭାଗରେ ଚିକିତ୍ସା କରାଯାଉଛି ବୋଲି କହିଛନ୍ତି ଜିଏନଆରସି ହସପିଟାଲ ପ୍ରାଇଭେଟ ଲିମିଟେଡ଼ର ସିଏମଡ଼ି ଡକ୍ଟର ନୋମାଲ ଚନ୍ଦ୍ର ବୋରା । ଏହି ମନୋନୟନ କାର୍ଯ୍ୟ କରାଯାଇଥିଲା । ଏହି ଅନୁଦାନ ସହାୟତାରେ ଜିଏନଆରସି ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ଥିବା ତାରତମ୍ୟ ଦୂର କରିପାରିବ । ଏଥିସହ ନିକଟରେ ଜିଏନଆରସି ମେଡ଼ିକାଲକୁ ୱାଲର୍ଡ଼ ବ୍ୟାଙ୍କ ଗ୍ରୁପ ୧୫୦,୦୦୦ ଡ଼ଲାର ଅନୁଦାନ ପ୍ରଦାନ କରିଛିନ୍ତି ।

ହାତ ତିଆରି ଭେଣ୍ଟିଲେଟର

ନିଜେ ଶ୍ୱାସକ୍ରିୟା କରିପରୁନଥିବା ରୋଗୀ ପାଇଁ ଦରକାର ପଡେ ଭେଣ୍ଟିଲେଟର । ଏଥିଲାଗି ହସ୍‌ପିଟାଲ ଗୁଡିକ ରୋଗୀଠାରୁ ଘଣ୍ଟା ପିଛା ଭଡା ଦାବି କରିଥାନ୍ତି । ସାଧାରଣତଃ ସବୁ ହସ୍ପିଟାଲରେ ଏହି ମହଙ୍ଗା ମେସିନ୍ ବ୍ୟବସ୍ଥା ମଧ୍ୟ ହୋଇପାରି ନଥାଏ । ମାତ୍ର ଚୀନ୍‌ର ଜଣେ କୃଷକ ତାଙ୍କ ପୁଅ ପାଇଁ ହାତରେ ତିଆରି କରିଛନ୍ତି ଏକ ଭେଣ୍ଟିଲେଟର । ୫ ବର୍ଷ ହେଲ। ଘରେ ସେହି ଭେଣ୍ଟିଲେଟର ସାହାଯ୍ୟରେ ବଞ୍ଚି ରହିଛନ୍ତି କୃଷକଙ୍କ ପୁତ୍ର । ଏଥିଲାଗି ତାଙ୍କୁ ଅଧିକ ଖର୍ଚ୍ଚ ମଧ୍ୟ ପଡୁନାହିଁ । ଦୃଢ଼ ଇଚ୍ଛାଶକ୍ତି ଯେ ଅସମ୍ଭବକୁ ସମ୍ଭବ କରି ଦେଇପାରେ ତାହା ପ୍ରମାଣ କରିଛନ୍ତି ସାଂଘାଇର ସେହି କୃଷକ ପରିବାର ।

ଜାପାନର ଏକ ଚିଡିଆଖାନାରେ ୭ ବର୍ଷର ଏକ ବାଘୁଣି ତାର ଛୁଆ ସହିତ ।

ମଦ ପାତ୍ରର ଦାମ୍ ୫ କୋଟି

ଷୋଡଶ ଶତାବ୍ଦୀର ଦୁଇଟି ଚୁର୍କୀର ମଦ୍ୟ ୩ ପାତ୍ର ବିକ୍ରି ହୋଇଛି ୭୫୦ ହଜାର ୟୁରୋବା ୫,୩୦,୫୬,୨୦୦ ଟଙ୍କାରେ । ଏହା କୌଣସି ସାଧାରଣ ମଧ୍ୟ ପାତ୍ର ନୁହେଁ । ଏହା ଓଟ୍‌ମ୍ୟାନ୍ ସମୟର ସୁନ୍ଦର ପାତ୍ର ତିଆରି ପାଇଁ ପ୍ରସିଦ୍ଧ ସହର ଇଜନିକ୍‌ରେ ତିଆରି ୱାଇନ୍ ବୋତଲ । ନିକଟରେ ଏହି ଦୁଇଟି ୱାଇନ ବୋତଲ ନିଲାମ ହୋଇଛି । ଆଶା କରାଯାଇଥିବା ଅର୍ଥ ଠାରୁ ୫ ଗୁଣ ଅଧିକ ଅର୍ଥ ମିଳିଛି ଏହି ପାତ୍ର ନିଲାମକୁ । ଏପରିକି ନୂତନ ବିଶ୍ୱ ରେକର୍ଡ କରିପାରିଛି । ଇଂଲଣ୍ଡସ୍ଥିତ କର୍ଣ୍ଣୱାଲ୍‌ର କପ୍‌ଲ୍ୟାଣ୍ଡ୍ ପରିବାରକୁ ତାହା ଉତ୍ତରାଧିକାର ସୂତ୍ରରେ ମିଳିଥିଲା । ଏହି ପରିବାରର ଲିଓନାର୍ଡ ଏହାକୁ ୧୯୧୯ ମସିହାରେ ୧୧ ହଜାର ୟୁରୋ (୭,୭୨,୧୪୪ ଟଙ୍କା)ରେ କିଣିଥିଷଳ । ଅତ୍ୟନ୍ତ ଆକର୍ଷଣୀୟ ଏହି ଦୁଇ ପାତ୍ରରେ ନୀଳ ଓ ଧଳା ରଙ୍ଗର ସୁନ୍ଦର କାରୁକାଯ କରାଯାଇଚି ।

ଖାଦ୍ୟ ଆବର୍ଜନାରୁ ବିଜୁଳି

ଖାଦ୍ୟ ପାଇଁ ବ୍ୟବହୃତ ପନିପରିବାର ଚୋପା ଏବଂ ଅଦରକାରୀ ଅଂଶକୁ ଆପଣ କଣ କରନ୍ତି ? ନିଶ୍ଚିତ ଫୋପାଡି ଦେଉଥିବେ । ହେଲେ ଜାଣନ୍ତି ଏହା କେତେ ଉପାଦେୟ ଓ ଉପାକରୀ ! ଚାହିଁଲେ ଏଥିରୁ ଆପଣ ବିଜୁଳି ଉତ୍ପନ୍ନ କରିପାରିବେ । ଏହା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ରୋଷେଇରୁ ବଳକା ପଡିଥିବା ଖାଦ୍ୟ କି ଫଳ ଚୋପାରୁ ଏବେ ବାୟୋଗ୍ୟାସ୍ ଏବଂ ବିଜୁଳି ତିଆରି ହୋଇପାରିବ ବୋଲି ଏକ ସଦ୍ୟତମ ତଥ୍ୟ ପ୍ରକାଶ ପାଇଛି । ପଞ୍ଜାବ ସରକାର ଏବଂ ନୂଆଦିଲ୍ଲୀର ଦ ଏନର୍ଜି ଏଣ୍ଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ଉଦ୍ୟମରେ କିଛିମାସ ପର୍ଯ୍ୟନ୍ତ ଏହି ବିଷୟରେ ଗବେଷଣା ଚାଲିଥିଲା । ଉକ୍ତ ଇନିଷ୍ଟିଚ୍ୟୁଟ୍ ଓ ପଞ୍ଜାବ ସରକାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇ ଗୃହୀତ ହେବାପରେ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଭିତରେ ପ୍ରଥମେ ଏହି ଖାଦ୍ୟ ଆବର୍ଜନାକୁ ବ୍ୟବହାର କରି ବିଜୁଳି ଉତ୍ପନ୍ନ ଯୋଜନା ଆରମ୍ଭ କରାଯାଇଛି । ଯଦି ପ୍ରକୃତରେ ଏହି ଯୋଜନା ସଫଳ ହେଲା, ତେବେ ଆପଣ ଆହୁରି ସହଜରେ ବିଜୁଳି ପାଇପାରିବେ ।

ଚିତ୍ରର ଲମ୍ବ ୧୭ କିଲୋମିଟର୍

ବରୋଦରା ସହରରେ ଏକ ଅଭିନବ ଦୃଶ୍ୟ ଦେଖିବାକୁ ମିଳିଥିଲା । ହଜାର ହଜାର ସ୍କୁଲ ଛାତ୍ର ଏକ ସଙ୍ଗେ ସଙ୍ଗେ ତୁଳି ଧରି ଠିଆ ହୋଇଥିଲେ । ଲକ୍ଷ୍ୟ ଥିଲା ସର୍ବବୃହତ ଚିତ୍ର ଆଙ୍କିବା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ ହଜାର ୭୦୦ ଛାତ୍ର ଭାଗ ନେଇଥିଲେ । ସକାଳ ଠିକ୍ ଆଠଟାରେ ଏକ ସଙ୍ଗେ ଚିତ୍ର ଆଙ୍କିବା ଆରମ୍ଭ ହୋଇଥିଲା ଯାହା ୧୦.୩୦ ମିନିଟ୍‌ରେ ଶେଷ ହୋଇଥିଲା ।

କାର୍ଲଟନ ଗାର୍ଡେନ୍ସ

କାର୍ଲଟନ ଗାଡେନ୍ସ (ବଗିଚା) ହେଉଛି ଏକ ବିଶ୍ୱ ଐତିହ୍ୟ ସ୍ଥଳୀ । ଅଷ୍ଟ୍ରେଲିଆର ମେଲବୋର୍ନ ଅନ୍ତର୍ଗତ କାର୍ଲଟନ ସହର ଉପକଣ୍ଠରେ ଏହା ଅବସ୍ଥିତ । ୨୬ ଏକର ପରିମିତ ଏହି ଗାର୍ଡେନ୍ସ ସହିତ ସେଠାରେ ରହିଛି ରୟାଲ ଏକ୍‌ଜିବିଶନ ବିଲ୍‌ଡିଂ, ମେଲବୋର୍ନ ମ୍ୟୁଜିୟମ, ଆଇମାକ୍ସ ସିନେମା, ଟେନିସ କୋର୍ଟ ଏବଂ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏକ ଖେଳପଡିଆ । ଭିକ୍ଟୋରିଆ ଷ୍ଟ୍ରିଟ୍, ରଥଡାଉନେ ଷ୍ଟ୍ରିଟ, କାର୍ଲଟନ ଷ୍ଟ୍ରିଟ୍ ଏବଂ ନିକୋଲସର ଷ୍ଟ୍ରିଟ୍ ଏହି ବଗିଚାକୁ ସଂଯୋଗ କରୁଛି । ଏକ୍‌ଜିବିଶନ ବିଲ୍‌ଡିଂଠାରୁ ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପୂର୍ବ ଆଡକୁ ଢ଼ାଲୁ ଅଂଶରେ ରହିଛ ଏହି ବଗିଚା । ଭିକ୍ଟୋରିଆର ସାମାଜିକ, ବୈଜ୍ଞାନିକ, ଐତିହାସିକ ଓ ସ୍ଥାପତ୍ୟ କଳାର ଗୁରୁତ୍ୱ ଦୃଷ୍ଟିରୁ ଏହାର ଐତିହ୍ୟ ତାଲିକାରେ ସ୍ଥାନିତ କରାଯାଇଛି । ବଗିଚାର ସୌନ୍ଦର୍ଯ୍ୟ ବେଶ୍ ମନୋମୁଗ୍ଧକର । ବିଭିନ୍ନ ସୁନ୍ଦର ଓ ସୁଗନ୍ଧିତ ଫୁଲ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ଗଛରେ ଭରପୁର ଏହି ବଗିଚାରେ ରହିଛି ସୁନ୍ଦର ଲନ୍ । ତା ଛଡା ବଗିଚାର ଦକ୍ଷିଣରେ ରହିଛି ଦୁଇଟି କୃତ୍ରିମ ତଥା ଆଳଙ୍କାରିକ ହ୍ରଦ । ଦକ୍ଷିଣାଞ୍ଚଳରେ ମ୍ୟୁଜିୟମ, ଟେନିସ କୋର୍ଟ, ମେଞ୍ଚେନାନ୍ସ ଡିପୋ, ପିଲାଙ୍କ ପାଇଁ ଖେଳପଡିଆ ଓ କ୍ୟୁରେଟରଙ୍କ ଘର ରହିଛି । ଏଠାରେ ଥିବା ରୟାଲ ଏକ୍‌ଜିବିଶନ ବିଲ୍‌ଡିଂ ହେଉଛି ଉନବିଂଶ ଓ ବିଂଶ ଶତାବ୍ଦୀରେ ଘଟିଥିବା ବିଭିନ୍ନ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଆନ୍ଦୋଳନର ମୂଳ ସାକ୍ଷୀ । ୧୮୫୧ରୁ ୧୯୧୫ ମଧ୍ୟରେ ପ୍ରାୟ ୫୦ଟି ବଡବଡ ପ୍ରଦର୍ଶନୀ ଏଠାରେ ଆୟୋଜିତ ହୋଇଥିଲା । ଏହି ବିଲ୍‌ଡିଂର ଡିଜାଇନ ଜୋସେଫ ରିଡ୍ ପ୍ରସ୍ତୁତ କରିଥିଲେଏବଂ ଏହା ଇଟ, କାଠ, ଲୁହାରେ ନିର୍ମିତ । ଏହାର ନିର୍ମାଣ ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର । ଏହାକୁ ଭିତ୍ତିକରି ଅନ୍ୟାନ୍ୟ ଦେଶରେ ଅନୁରୂପ ଡିଜାଇନର ଅଟ୍ଟାଳିକା ନିର୍ମାଣ କରାଯାଇଥିଲା । କିନ୍ତୁ ସେ ସବୁ ମଧ୍ୟରୁ ଅଧିକାଂଶ ଧ୍ୱଂସ ପାଇ ଯାଇଛି । ମାତ୍ର ଏହି ଏକ୍‌ଜିବିଶନ ବିଲ୍‌ଡିଂ ସେଭଳି ଦଣ୍ଡାୟମାନ ହୋଇ ରହିଛି । ଦେଶ ବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ନିୟମିତ ପରିଦର୍ଶନରେ ମଧ୍ୟ ଆସୁଛନ୍ତି ।

ଚୋର ଶୁଆ

ଆପଣ ଚୋରିକୁ ନେଇ ଅନେକ ସମ୍ବାଦ ଶୁଣିଥିବେ । ଯେଉଁଥିରେ ଚୋରିଠାରୁ ଅଧିକ ଚର୍ଚ୍ଚିତ ହୋଇଥାଏ ଚୋର । ଏଠାକାର ଏର୍ପ୍ୟଟକଙ୍କ ସହିତ ଏପରି ଘଟଣା ଘଟିଥିଲା । କିନ୍ତୁ ଚୋରି ଯାଇଥିବା ଜିନିଷ ଅପେକ୍ଷା ଚୋର ସମ୍ପର୍କରେ ଯିଏ ବି ଜାଣିଲା ଆଶ୍ଚର୍ଯ୍ୟ ନହୋଇ ରହିପାରିଲା ନାହିଁ । କାହିଁକିନା ଚୋର ମଣିଷ ନଥିଲା ଥିଲା ଗୋଟେ ପକ୍ଷୀ । ଘଟଣାଟି ହେଉଛି ନ୍ୟୁଜିଲ୍ୟାଣ୍ଡର ଏକ ପରିବାର ଲଣ୍ଡନରେ ଛୁଟି କଟାଉଥିଲେ । ବୁଲୁ ବୁଲୁ ପର୍ଯ୍ୟନ ସ୍ଥାନ ଫଟୋ ପର୍ଯ୍ୟଟନ ସ୍ଥାନର ଫଟୋ ଉଠାଇବା ପାଇଁ ହାଇଡ୍ପେ ନିକଟରେ ଗାଡି ରଖିଦେଇଥିଲେ । ଆଉ ପରିବାରର ସମସ୍ତେ ଫଟୋ ଉଠାଇାରେ ମଜ୍ଜି ଯାଇଥିଲେ ।

ଆଖପାଖର ପରିବେଶ ସୁରକ୍ଷିତ ଥିବାରୁ ଏମାନେ ଗାଡି ତାଲା ପକାଇବାକୁ ଭୁଲି ଯାଇଥିଲେ ।